# NATIONAL NEWS BULLETIN (ODIA)

**20 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସିକନ୍ଦରାବାଦସ୍ଥିତ କଲେଜ ଅଫ୍ ଡିଫେନ୍ସ ମ୍ୟାନେଜମେଣ୍ଟକୁ ଧ୍ୱଜା ପ୍ରଦାନ କଲେ ରାଷ୍ଟ୍ରପତି ।

- ଲୋକସଭାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ଘୋଷଣା କଲେ ବାଚସ୍ପତି ।

- ଯୁଗ୍ମ ସଂସଦୀୟ କମିଟିକୁ ପଠାଗଲା ଗୋଟିଏ ଦେଶ ଗୋଟିଏ ନିର୍ବାଚନ ସମ୍ବନ୍ଧୀୟ ୨ଟି ବିଧେୟକ

- ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲାଙ୍କ ୮୯ ବର୍ଷ ବୟସରେ ପରଲୋକ

ଏବଂ

- ରାଜସ୍ଥାନରେ ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାରେ ୭ ମୃତ, ୩୩ ଆହତ

---

## ସିଡିଏମ୍ ପ୍ରେସିଡେଣ୍ଟ କଲର୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏକ ସ୍ୱତନ୍ତ୍ର ସମାରୋହରେ ସିକନ୍ଦରାବାଦର ପ୍ରତିରକ୍ଷା ପରିଚାଳନା ମହାବିଦ୍ୟାଳୟକୁ ରାଷ୍ଟ୍ରପତିଙ୍କ ଧ୍ୱଜା ପ୍ରଦାନ କରିଛନ୍ତି। ଏହା କୌଣସି ଅନୁଷ୍ଠାନର ବୃତ୍ତିଗତ ଉତ୍କର୍ଷତାକୁ ପ୍ରମାଣିତ କରିଥାଏ । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ପ୍ରତିରକ୍ଷା

କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ସହ ରଣନୈତିକ ଭାଗିଦାରୀତା କ୍ଷେତ୍ରରେ ସଫଳତା ଅର୍ଜନ କରିଛି । ଏଥିଯୋଗୁଁ ଦେଶର ସୀମା ସୁରକ୍ଷିତ ହେବା ସହ ବିଶ୍ୱ ରଣନୈତିକ ମଞ୍ଚରେ ଦେଶ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ସେ କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ମେକ୍ ଇନ୍ ଇଣ୍ଡିଆ, ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସ୍ ଏବଂ ପ୍ରତିରକ୍ଷା ଶିଳ୍ପ କରିଡରର ବିକାଶ ଭଳି ପଦକ୍ଷେପ ଯୋଗୁଁ ପ୍ରତିରକ୍ଷା ଶିଳ୍ପର ସାମର୍ଥ୍ୟ ବୃଦ୍ଧି ପାଇଛି । ସେ କହିଛନ୍ତି, ଭାରତ ନିଜସ୍ୱ ବୈଷୟିକ ଜ୍ଞାନକୌଶଳ ଜରିଆରେ ଉନ୍ନତ ଯନ୍ତ୍ରପାତି ଉତ୍ପାଦନ କରି ଆତ୍ମନିର୍ଭରଶୀଳତାର ନୂତନ ପର୍ଯ୍ୟାୟ ଆରମ୍ଭ କରିଛି ।

ଏହି ଅବସରରେ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ଡାକ ଟିକଟ ଉନ୍ମୋଚନ କରିଛନ୍ତି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ତେଲଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବବର୍ମା ଏକ ପୁସ୍ତକ ଉନ୍ମୋଚନ କରିଥିଲେ ।

## ଏଲ୍‌ଏସ୍‌-ସାଇନ୍‌ଡାଏ

ଲୋକସଭାକୁ ଆଜି ଅନିର୍ଦ୍ଧିଷ୍ଟକାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଆଜି ସକାଳେ ଗୃହ ଆରମ୍ଭ ହେବା ମାତ୍ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା’ ଡକ୍ଟର ବି.ଆର୍. ଆମ୍ବେଦକରଙ୍କୁ ନେଇ ଦେଇଥିବା ବୟାନକୁ ବିରୋଧ କରି ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ । ବାଚସ୍ପତି ଓମ୍ ବିର୍ଲା ସାଂସଦମାନଙ୍କୁ ଗୃହର ନିୟମ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ଅନୁରୋଧ କରିବା ସହ ସଂସଦ ଭବନ ପରିସରର ଯେକୌଣସି ପ୍ରବେଶଦ୍ୱାରରେ ବିକ୍ଷୋଭ ପ୍ରଦର୍ଶନ ନ କରିବା ପାଇଁ ଅନୁରୋଧ କରିଥିଲେ । ସେ କହିଥିଲେ, ସେଭଳି କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ

ଗ୍ରହଣ କରାଯିବ । ଶ୍ରୀ ବିର୍ଲା କହିଥିଲେ, ସଂସଦର ମର୍ଯ୍ୟାଦା ବଜାୟ ରଖିବା ସମସ୍ତ ସଦସ୍ୟଙ୍କ  ସାମୂହିକ ଦାୟିତ୍ୱ। ହଟ୍ଟଗୋଳ ଚାଲିଥିବା ସମୟରେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ସମ୍ବନ୍ଧୀୟ ପୂର୍ବରୁ ଉପସ୍ଥାପିତ ଦୁଇଟି ବିଧେୟକକୁ ସଂସଦର ଯୁଗ୍ମ କମିଟିକୁ ପଠାଯାଇଥିଲା । ପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବି ରଖିଥିଲେ ।

---

## ପାର୍ଲାମେଣ୍ଟ-ପ୍ରୋଟେଷ୍ଟ

ସଂସଦ ଭବନ ପରିସରରେ ଗତକାଲି ୨ଜଣ ବିଜେପି ନେତା ଆହତ ହେବା ଘଟଣାକୁ ନେଇ ଆଜି ଏନ୍‌ଡିଏ ସାଂସଦମାନେ ସଂସଦ ଭବନ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସଂପୃକ୍ତ ସାଂସଦମାନେ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ଦଳ ଡକ୍ଟର ବି.ଆର୍. ଆମ୍ବଦକରଙ୍କୁ ଅସମ୍ମାନ କରିଛି । ବିକ୍ଷୋଭରେ ବିଜେପି ନେତା ଅନୁରାଗ ସିଂ ଠାକୁର, ରାଧାମୋହନ ସିଂ, ଓ ଅନୀଲ ବାଲୁନି ପ୍ରମୁଖ ସାମିଲ ହୋଇଥିଲେ । ବିଜେପି ସାଧାରଣ ସଂପାଦକ ଅରୁଣ ସିଂ ଗଣମାଧ୍ୟମକୁ କହିଛନ୍ତି, ନାଗାଲ୍ୟାଣ୍ଡର ସାଂସଦ ଫାଙ୍ଗନନ୍ କୋନୟାକ୍‌ଙ୍କ ସହ ହୋଇଥିବା ବ୍ୟବହାର ନେଇ ରାହୁଲ ଗାନ୍ଧୀ କ୍ଷମା ମାଗିବା ଉଚିତ । ସେ କହିଛନ୍ତି ଦେଶରେ ଏଭଳି ଘଟଣା ପୂର୍ବରୁ କେବେ ଘଟିନଥିଲା । ବିଜେପି ସାଂସଦ ଅନୁରାଗ ସିଂ ଠାକୁର କହିଛନ୍ତି, ଗତକାଲି ରାହୁଲ ଗାନ୍ଧୀଙ୍କ ବ୍ୟବହାର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଥିଲା ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା' ଡକ୍ଟର ବି.ଆର୍. ଆମ୍ବେଦକରଙ୍କୁ ଦେଇ ମନ୍ତବ୍ୟକୁ ନେଇ ବିରୋଧୀ ଦଳର ସଦସ୍ୟମାନେ ମଧ୍ୟ ସଂସଦ ଭବନ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏଥିରେ ରାଜ୍ୟସଭାରେ

ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଇଣ୍ଡିମେଣ୍ଟର ଅନ୍ୟ ସାଂସଦମାନେ ସାମିଲ ହୋଇଥିଲେ ।

## ଏଲ୍‌ଏସ୍‌-ଓ୍ୱାନ୍ ନେସନ ଓ୍ୱାନ୍ ଇଲେକ୍ସନ

ଲୋକସଭାରେ ଉପସ୍ଥାପିତ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ସମ୍ବନ୍ଧୀୟ ୨ଟି ବିଧେୟକକୁ ସଂସଦୀୟ ଯୁଗ୍ମ କମିଟିକୁ ପଠାଯାଇଛି । କମିଟିରେ ଲୋକସଭାର ୨୭ ଜଣ ଏବଂ ରାଜ୍ୟସଭାର ୧୨ ଜଣ ସଦସ୍ୟ ରହିଛନ୍ତି । ଆଜି ସକାଳେ ଲୋକସଭାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନରାମ ମେଘଓ୍ୱାଲ ୧୨୯ତମ ସମ୍ବିଧାନ ସଂଶୋଧନ ବିଧେୟକ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ବିଧେୟକକୁ ସଂସଦୀୟ ଯୁଗ୍ମ କମିଟିକୁ ପଠାଇବାକୁ ପ୍ରସ୍ତାବ ଆଗତ କରିଥିଲେ ।

ଆସନ୍ତା ସଂସଦ ଅଧିବେଶନର ଶେଷ ସପ୍ତାହର ପ୍ରଥମଦିନ ସୁଦ୍ଧା କମିଟି ଏ ସଂପର୍କରେ ରିପୋର୍ଟ ପ୍ରଦାନ କରିବ । ଗଠିତ ସଂସଦୀୟ ଯୁଗ୍ମ କମିଟିରେ ବିଜେପି ନେତା ପି.ପି. ଚୌଧୁରୀ, ଅନୁରାଗ ସିଂ ଠାକୁର ଏବଂ ପୁରୁଷୋତ୍ତମ ଭାଇ ରୁପାଲା, କଂଗ୍ରେସର ପ୍ରିୟଙ୍କା ଗାନ୍ଧୀ ଓ ମନୀଷ ତିଓ୍ୱାରୀ, TMC ର କଲ୍ୟାଣ ବାନାର୍ଜୀ, NCP-SP ର ସୁପ୍ରିୟା ସୁଲେ ସଦସ୍ୟ ଅଛନ୍ତି । ରାଜ୍ୟସଭାରୁ ବିଜେପିର ଘନଶ୍ୟାମ ତିଓ୍ୱାରୀ, ଭୁବନେଶ୍ୱର କଲିତା ଏବଂ କେ. ଲକ୍ଷ୍ମଣ ସଦସ୍ୟ ଥିବା ବେଳେ କଂଗ୍ରେସରୁ ରଣଦୀପ ସିଂ ସୂର୍ଯ୍ୟେଓ୍ୱାଲା ଓ ମୁକୁଲ ବାଲ୍‌କ୍ରିଷ୍ଣନ ଓ୍ୱାସନିକ୍, JDU ରୁ ସଂଜୟ କୁମାର ଝା ଏବଂ YSR କଂଗ୍ରେସରୁ ଭି. ବିଜୟ ସାଇ ରେଡ୍ଡୀ ସଦସ୍ୟ ଅଛନ୍ତି ।

# ଚୌତାଲା ଡେଥ୍

ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାରତୀୟ ଜାତୀୟ ଲୋକଦଳର ବରିଷ୍ଠ ନେତା ଓମ୍ପ୍ରକାଶ ଚୌତାଲାଙ୍କ ଆଜି ଅଣାନବେ ବର୍ଷ ବୟସରେ ପରଲୋକ ଘଟିଛି । ହରିଆଣାର ୫ଥ ମୁଖ୍ୟମନ୍ତ୍ରୀ ଥିବା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଦେବୀଲାଲଙ୍କ ପୁଅ ଓମ୍ପ୍ରକାଶ ଚୌତାଲାଙ୍କୁ ତାଙ୍କ ଗୁରୁଗ୍ରାମସ୍ଥିତ ବାସଭବନରେ ହୃଦ୍‌ଘାତ ହୋଇଥିଲା । ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

୧୯୩୫ ମସିହା ଜାନୁଆରୀ ୧ ତାରିଖରେ ଜନ୍ମ ଗ୍ରହଣ କରିଥିବା ଚୌତାଲା ଭାରତୀୟ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

---

# ଶାହା-ଡବ୍ଲୁବି

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ପଶ୍ଚିମବଙ୍ଗର ସିଲିଗୁଡ଼ିସ୍ଥିତ ରାଣୀଜଙ୍ଗା ଠାରେ ସଶସ୍ତ୍ର ସୀମାବଳ-ଏସ୍ଏସ୍‌ବି ର ୬୧ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସେ ସେଠାରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ଅଭିବାଦନ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଏସ୍ଏସ୍‌ବି ର ମହାନିର୍ଦ୍ଦେଶକ ଅମୃତ ମୋହନ ପ୍ରସାଦ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଏସ୍ଏସ୍‌ବି ଯବାନମାନଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରିଥିଲେ। ସେ କହିଥିଲେ, ଏସଏସବି ନେପାଳ ଏବଂ ଭୁଟାନ ସହିତ ଥିବା ୨ହଜାର ୪୫୦ କିଲୋମିଟର ସୀମାର ସୁରକ୍ଷା କରିବା ସହ ବେଆଇନ ନିଶାଦ୍ରବ୍ୟ କାରବାରକୁ ରୋକିବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରୁଛି ।

---

# ଏମ୍‌ଟି ହସ୍ପିଟାଲାଇଜ୍‌ଡ

ପ୍ରଖ୍ୟାତ ମାଲାୟାମ ଲେଖକ ତଥା ଚଳଚ୍ଚିତ୍ର ନିର୍ମାତା ଏମ୍.ଟି. ବାସୁଦେବନ ନାୟାରଙ୍କୁ ଗୁରୁତର ଅବସ୍ଥାରେ କୋଜିକୋଡ଼େର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ହୃଦ୍‌ଜନିତ ଗୁରୁତର ସମସ୍ୟା ଯୋଗୁଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି । ହସ୍ପିଟାଲ ପକ୍ଷରୁ ଗଠିତ ଏକ ଡାକ୍ତରୀ ବିଶେଷଜ୍ଞ ଦଳ ତାଙ୍କର ଚିକିତ୍ସା କରୁଛନ୍ତି । ହସ୍ପିଟାଲ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନାୟାରଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।

---

# ୱାର୍ଲ୍ଡ ମେଡିଟେସନ ଡେ

ବିଶ୍ୱରେ ସୁସ୍ଥତା, ଶାନ୍ତି ଏବଂ ଉତ୍ତମ ମାନସିକତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ପ୍ରଥମଥର ପାଇଁ ବିଶ୍ୱ ଧ୍ୟାନ ଦିବସ ପାଳନ କରାଯିବ । ଚଳିତମାସ ଆରମ୍ଭରେ ଜାତିସଂଘ ସାଧାରଣ ସଭାରେ ସର୍ବସମ୍ମତିକ୍ରମେ ଭାରତର ମିଳିତ ପ୍ରୟାସରେ ଡିସେମ୍ବର ୨୧ ତାରିଖକୁ ବିଶ୍ୱ ଧ୍ୟାନ ଦିବସ ଭାବେ ଘୋଷଣା କରିବାକୁ ସଂକଳ୍ପ ଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ସୁସ୍ଥତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ ।

ଜାତିସଂଘ ପକ୍ଷରୁ ଏହି ଦିବସକୁ ସ୍ୱୀକୃତି ମିଳିବା ପରେ ସମାଜରେ ମାନସିକ ଚାପ, ହିଂସା ଏବଂ ସାମାଜିକ କଳହ ଭଳି ସମସ୍ୟା ଦୂର କରିବା ଦିଗରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି ।

ଏହି ଅବସରରେ ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ନିଉୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ବକ୍ତବ୍ୟ ପ୍ରଦାନ କରିବେ ।

ଆସନ୍ତାକାଲି ସେ ଏକ ଧ୍ୟାନ ଅଧିବେଶନର ମଧ୍ୟ ନେତୃତ୍ୱ ନେବେ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ବିଶ୍ୱ ଶାନ୍ତି ଓ ଐକ୍ୟ ନିମନ୍ତେ ଧ୍ୟାନ।**

ଏହି ଅଧିବେଶନରେ ଲକ୍ଷଲକ୍ଷ ଲୋକ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

# ଆକ୍ସିଡେଣ୍ଟ

ରାଜସ୍ଥାନର ଜୟପୁରସ୍ଥିତ ଭାଙ୍କରୋଟା ଅଞ୍ଚଳରେ ଆଜି ସକାଳେ ଏକ ଗ୍ୟାସ୍ ଟ୍ୟାଙ୍କରରେ ଅଗ୍ନିକାଣ୍ଡ ଘଟିବା ଫଳରେ ୭ ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ୩୩ ଜଣ ଆହତ ହୋଇଛନ୍ତି । ଆଜି ସକାଳେ ଆଜମେର ରାଜପଥରେ ୨ଟି ଗ୍ୟାସ୍ ଟ୍ୟାଙ୍କର ମୁହାଁମୁହିଁ ଧକ୍କା ହେବା ଫଳରେ ନିଆଁ ଲାଗିଯାଇଥିଲା । ଅଗ୍ନିକାଣ୍ଡରେ ୨୯ଟି ଟ୍ରକ୍ ଓ ୨ଟି ବସ୍‌କୁ ମିଶା ମୋଟ୍ ୪୦ଟି ଗାଡ଼ି ନଷ୍ଟ ହୋଇଯାଇଛି । ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଦୁର୍ଘଟଣାରେ ଆହତମାନଙ୍କୁ ନିକଟସ୍ଥ ଏସ୍‌ଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି । ଏହି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ବିଜୟ ହଜାରେ - ସାମି ରେଷ୍ଟେଡ୍

ହାଇଦ୍ରାବାଦରେ ଆସନ୍ତାକାଲି ଖେଳାଯିବାକୁ ଥିବା ବିଜୟ ହଜାରେ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବୋଲର୍ ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଇଛି । ବେଙ୍ଗଲ୍ କ୍ରିକେଟ୍ ଆସୋସିଏସନ୍ ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଛି । ୨୦୨୩ ବିଶ୍ୱକପ୍‌ରେ ଶେଷଥରପାଇଁ ଭାରତ ପକ୍ଷରୁ ଖେଳିଥିବା ମହମ୍ମଦ ସାମି ନିକଟରେ ରଣଜୀ ଟ୍ରଫିରେ ମଧ୍ୟପ୍ରଦେଶ ବିପକ୍ଷରେ ୭ଟି ୱିକେଟ୍ ନେଇଥିଲେ । ସୟଦ ମୁସ୍ତାକ୍ ଅଲ୍ଲି ଟି-ଟ୍ୱେଣ୍ଟି ପ୍ରତିଯୋଗିତାରେ ସେ ୧୧ଟି ମ୍ୟାଚ୍ ଖେଳି ୯ଟି ୱିକେଟ୍ ଅକ୍ତିଆର କରିଥିଲେ ।

ଅନ୍ୟପକ୍ଷରେ ବ୍ରିସ୍‌ବେନ୍‌ରେ ବର୍ଡ଼ର ଭାଗାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍ ବର୍ଷା ଯୋଗୁଁ ଡ୍ର ରହିବା ପରେ ଅଧିନାୟକ ରୋହିତ ଶର୍ମା କହିଛନ୍ତି, ଅଷ୍ଟ୍ରେଲିଆ ଗସ୍ତରେ ଦଳରେ ସାମିଲ୍ ହେବାପାଇଁ ସାମିଙ୍କ ଫିଟ୍‌ନେସ୍ ଜାତୀୟ କ୍ରିକେଟ୍ ଏକାଡେମୀର ଅନୁମତି ଉପରେ ନିର୍ଭର କରେ ।